# ଓଡ଼ିଶାରେ କାହିଁକି ଆଇଆଇଟି ପ୍ରତିଷ୍ଠା କରାନଯିବ ?

ବ୍ରହ୍ମପୁର,ତା୨୪।୪(ନି.ପ୍ର)– ଭାରତର ବିଭିନ୍ନ ରାଜ୍ୟରେ କେନ୍ଦ୍ର ସରକାର ଆଉ କେତୋଟି ନୂତନ ଆଇଆଇଟି ପ୍ରତିଷ୍ଠା କରିବାକୁ ଯୋଜନା କରୁଥିବାବେଳେ ଓଡ଼ିଶା କାହିଁକି ଏହି ସୁଯୋଗରୁ ବଞ୍ଚିତ ହେଉଛି, ସେଥିନେଇ ରାଜ୍ୟର ବୁଦ୍ଧିଜୀବୀ ମହଲ ଘୋର ଉଦ୍‌ବେଗ ପ୍ରକାଶ କରିଛନ୍ତି । ବର୍ତ୍ତମାନ ଖଡଗପୁର, କାନପୁର, ମୁମ୍ବାଇ, ମାଡ୍ରାସ, ଦିଲ୍ଲୀ, ଗୁଆହାଟୀ ଏବଂ ରୁରକୀ (ଉତ୍ତରାଖଣ୍ଡ)ଠାରେ ଆଇଆଇଟି ଶିକ୍ଷାନୁଷ୍ଠାନ ଚାଲିଥିବାବେଳେ ଆଗାମୀ ଦିନରେ ସରକାର ରାଜସ୍ଥାନ, ବିହାର ଏବଂ ଆନ୍ଧ୍ରପ୍ରଦେଶରେ ଆଉ ତିନୋଟି ଆଇଆଇଟି ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛନ୍ତି । ଷାଠିଏ ଦଶକରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଜବାହାରଲାଲ ନେହେରୁ ଓଡ଼ିଶା, ବିହାର ଏବଂ ମଧ୍ୟପ୍ରଦେଶରେ ଗଚ୍ଛିତ ଥିବା ଖଣିଜ ସମ୍ପଦର ଭରପୁର ସଦୁପଯୋଗ ନିମନ୍ତେ ଉଦ୍ୟମ କରିଥିଲେ ଯାହାଫଳରେ ରାଉରକେଲା, ଭିଲାଇ ଏବଂ ଦୁର୍ଗାପୁରଠାରେ ଇସ୍ପାତ କାରଖାନା ପ୍ରତିଷ୍ଠା ହୋଇପାରିଥିଲା । ନେହେରୁଙ୍କ ଏହି ଦୂରଦର୍ଶିତା ଫଳରେ ଏହିସବୁ ଅନୁନ୍ନତ ଏବଂ ଆଦିବାସୀବହୁଳ ସ୍ଥାନଗୁଡିକ ପରବର୍ତ୍ତୀ କାଳରେ ଦେଶର ଅନ୍ୟତମ ଅଗ୍ରଣୀ ଶିଳ୍ପାଞ୍ଚଳର ମାନ୍ୟତା ଲାଭ କରିଥିଲା । ଠିକ୍ ସେହିପରି ଯଦି ଯୋଜନା କମିଶନଙ୍କଠାରେ ଦାଖଲ କରାଯାଇଥିବା ମୁଙ୍ଗେରକର ରିପୋର୍ଟକୁ ଅନୁଧାନ କରାଯାଏ ତେବେ ଆଇଆଇଟି ପ୍ରତିଷ୍ଠା କରିବା ପାଇଁ ଓଡିଶା ହେଉଛି ସର୍ବୋତ୍କୃଷ୍ଟ ସ୍ଥାନ । ଯଦି ଏଠାରେ ଆଇଆଇଟି ପ୍ରତିଷ୍ଠା କରାଯାଏ ତେବେ ଓଡ଼ିଶାବାସୀଙ୍କ ବହୁଦିନର ସ୍ୱପ୍ନ ସାକାର ହେବାସହିତ ଭାରତର ବୈଷୟିକ ଶିକ୍ଷାନୁଷ୍ଠାନ ମାନଚିତ୍ରରେ ଆମ ରାଜ୍ୟ ସ୍ଥାନ ପାଇବ । ଏହି ଉଦ୍ୟମରେ ସଫଳ ହେବା ନିମନ୍ତେ ରାଜ୍ୟର ବୁଦ୍ଧିଜୀବୀ, ଅମଲାତନ୍ତ୍ର, ଗଣମାଧ୍ୟମ ତଥା ସର୍ବୋପରି ରାଜ୍ୟ ସରକାରଙ୍କ ଫଳପ୍ରସୂ ଭୂମିକା ଏକାନ୍ତ ଅପରିହାର୍ଯ୍ୟ ହୋଇପଡ଼ିଛି ।

## ସରକାର ପୁଣି ...

ପୂର୍ବରୁ ରହିତାଦେଶ ବଳବତ୍ତର ରହିବ ବୋଲି ଆଦେଶ ଦେଇଥିବା ସୁପ୍ରିମକୋର୍ଟ ଜଷ୍ଟିସ ଅରିଜିତ ପଶାୟତ ଏବଂ ଜଷ୍ଟିସ ଏଲ.ଏସ.ପାଣ୍ଡା ଏହାର ସାମ୍ବିଧାନିକ ବୈଧତା ସମ୍ପର୍କରେ ସମୀକ୍ଷା କରିବାକୁ ଅଗଷ୍ଟ ଦ୍ୱିତୀୟ ସପ୍ତାହକୁ ଧାର୍ଯ୍ୟ କରିଥିଲେ । ଅପରପକ୍ଷରେ ସରକାର ପ୍ରଧାନ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠରେ ଆବେଦନ କରିଥିବାରୁ ପ୍ରତିପକ୍ଷ ଓକିଲ ମୁକୁଲ ରୋହତଗୀ ଏହାର ତୀବ୍ର ବିରୋଧ କରିଥିଲେ । ଯେଉଁ ଖଣ୍ଡପୀଠ ମାର୍ଚ୍ଚ ୨୯ ଏବଂ ଏପ୍ରିଲ ୨୩ ତାରିଖରେ ଏ ସଂକ୍ରାନ୍ତରେ ରାୟ ଶୁଣାଇଛନ୍ତି, ସେହି ଖଣ୍ଡପୀଠରେ ସରକାର ଆବେଦନ କରିନଥିବାରୁ ଏହା ପଛରେ ଅନ୍ୟ ଉଦ୍ଦେଶ୍ୟ ନିହିତ ଅଛି ବୋଲି ଯୁକ୍ତି ଦର୍ଶାଇଥିଲେ । ଏ ପ୍ରସଙ୍ଗର କୌଣସି ସ୍ୱତନ୍ତ୍ରତା ଥିବାର ସେ ଉପଲବ୍ଧି କରୁଛନ୍ତି ବୋଲି କୋର୍ଟଙ୍କୁ ଜଣାଇଥିଲେ ।